**ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃ ବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ,୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ, ଓଡିଶାର କୋରାପୁଟ ଜିଲ୍ଲା ମଧ୍ୟ ଦେଇ ଅତିକ୍ରମ କରୁଥିବା ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ପ୍ରକଳ୍ପ ମଧ୍ୟରେ କ୍ଷତିଗ୍ରସ୍ତ କୁପିଆ ଗ୍ରାମ ର ସାମାଜିକ ପ୍ରଭାବ ନିର୍ଦ୍ଧାରଣ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ସ୍ୱତନ୍ତ୍ର ବହୁ ଶୃଙ୍ଖଳିୟ ବିଶେଷଜ୍ଞ ଗୋଷ୍ଠୀର ତା ୨୭/୦୬/୨୦୨୪ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ ଠାରେ ଅନୁଷ୍ଠିତ ବୈଠକ ବୀବରଣୀ ।**

---

ପୂର୍ବ ନିର୍ଦ୍ଧାରିତ କାର୍ଯକ୍ରମ ଅନୁସାରେ ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃ ବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ,୨୦୧୩ ର ଧାରା ୭ ର ଉପଧାରା ୧ ମୁତାବକ, ଓଡିଶାର କୋରାପୁଟ ଜିଲ୍ଲା ମଧ୍ୟ ଦେଇ ଅତିକ୍ରମ କରୁଥିବା ଜୟପୁର-ନବରଙ୍ଗପୁର ନୂତନ ରେଳ ପ୍ରକଳ୍ପ ମଧ୍ୟରେ କ୍ଷତିଗ୍ରସ୍ତ କୁପିଆ ଗ୍ରାମ ର ସାମାଜିକ ପ୍ରଭାବ ନିର୍ଦ୍ଧାରିଣ ବିବରଣୀର ମୂଲ୍ୟାୟନ ନିମିତ୍ତ ଗଠିତ ସ୍ୱତନ୍ତ୍ର ବହୁ ଶୃଙ୍ଖଳିୟ ବିଶେଷଜ୍ଞ ଗୋଷ୍ଠୀର ତା ୨୭/୦୬/୨୦୨୪ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ନିମ୍ନଲିଖିତ ସଦସ୍ୟ ତଥା ଅଧିକାରୀଗଣ ଉପସ୍ଥିତ ଥିଲେ ।

୧. ଶ୍ରୀ ଆଲୋମଣି ସେଠି, ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ
୨. ଶ୍ରୀ ଦେବାଶିଷ ମହାନ୍ତି, ଉପ ସଚିବ, ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ, ଓଡିଶା
୩. ଶ୍ରୀ ଡାନିଏଲ ଏକ୍କା, ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ, ଜୟପୁର
୪. ଶ୍ରୀ ସୁଧାକର ପଟ୍ଟନାୟକ, ପୁର୍ବତନ ପ୍ରଶାସକ ଅଧିକାରୀ
୫. ଶ୍ରୀ ଶ୍ରୀବଲ୍ଲଭ ଧଳ, ଜି.ଆର୍.ସି.ଏସ୍. (ଏନ୍.ସି.ଡି.ଏସ)
୬. ଶ୍ରୀ ମାନସ ପଣ୍ଡା, ଜି.ଆର୍.ସି.ଏସ୍. (ଏନ୍.ସି.ଡି.ଏସ)
୭. ଶ୍ରୀ ଉଦୟନାଥ ଶତପଥି, ମୁଖ୍ୟ କିରାଣି, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜୟପୁର
୮. ଶ୍ରୀ ଦୀପ୍ତି ନାୟକ, ବ୍ଲକ ଅଧକ୍ଷ ପଂଚାୟତ ସମିତି ଅଂଚଳା
୯. ଶ୍ରୀ ଦାସରଥୀ ମାଝି, ସରପଂଚ ଅଂଚଳା ଗ୍ରାମ ପଂଚାୟତ
୧୦. ଶ୍ରୀ ହରି ଯାନୀ, ରାଜସ୍ୱ ନିରୀକ୍ଷକ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜୟପୁର
୧୧. ଶ୍ରୀ ଗୌର ଚନ୍ଦ୍ର ବାଘ, ଅମିନ୍, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜୟପୁର
୧୨. ଶ୍ରୀ ସୁଜିତ୍ ମହାପାତ୍ର, ଚେନ୍ ମ୍ୟାନ୍, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜୟପୁର
୧୩. ଶ୍ରୀ କୃଷ୍ଣ ଚନ୍ଦ୍ର ସିଂ, ନିର୍ଦ୍ଦେଶକ , ଏସ.ସି.ଆଇ.ଟି.ଏମ୍ ,ସେମିଳିଗୁଡା
୧୪. ଶ୍ରୀ ମନୋଜ କୁମାର ବାରିକ, କନିଷ୍ଠ କିରାଣୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
୧୫. ଶ୍ରୀ ଗୋପାଳ କୃଷ୍ଣ ନାୟକ, ବରିଷ୍ଠ କିରାଣୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ

୧୬. ଶ୍ରୀ ଧରଣୀଧର ବେହେରା, ଭୂ ଅର୍ଜନ ଅଧିକାରୀ, କୋରାପୁଟ

୧୭. ଶ୍ରୀ ବି. ଶ୍ରୀନିବାଶ ରାଓ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ପୁର୍ବତଟ ରେଳପଥ

ବୈଠକ ପ୍ରାରମ୍ଭରେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧୀକାରୀ, ରେଳ ପ୍ରକଳ୍ପ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ,ଏବଂ ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ ମହୋଦୟଙ୍କୁ ଅଧକ୍ଷତା କରିବାପାଇଁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, କୋରାପୁଟ ବୈଠକର ଉଦେଶ୍ୟ ବିଷୟରେ ଏବଂ ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଉପରେ ମୂଲ୍ୟାୟନ ପାଇଁ ଗଠିତ ବିଶେଷଜ୍ଞ ଗୋଷ୍ଠୀର ଭୂମିକା ବିଷୟରେ ବିଶଦ ସୂଚନା ପ୍ରଦାନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଏବଂ ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ, ଜୟପୁର, କୋରାପୁଟ ବିଭିନ୍ନ କ୍ଷତିଗ୍ରସ୍ତ ଗ୍ରାମରେ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର (ଏନ୍.ସି.ଡି.ଏସ୍.),ଭୁବନେଶ୍ୱରଙ୍କ ଦ୍ୱାରା କରାଯାଇଥିବା ସାମାଜିକ ପ୍ରଭାବ ଆକଳନ ଅଧୟନର ରିପୋର୍ଟ ଉପସ୍ଥାପନ କରିଥିଲେ । ଏବଂ ଉକ୍ତ ପ୍ରକଳ୍ପର ଅବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଗ୍ରାମରେ ହୋଇଥିବା ଜନଶୁଣାଣୀ ନିଷ୍ପତିର ପଦକ୍ଷେପ ବିଷୟରେ ଏଠାରେ ଆଲୋଚନା ହୋଇ ନିମ୍ନଲିଖିତ ଦାବି ଗୁଡିକ କାର୍ଯ୍ୟକାରୀ କରିବା ନିମନ୍ତେ ସୁପାରିସ କରାଗଲା ।

କ. ଯଦିଓ ଗ୍ରାମଗୁଡିକ ଅଦିବାସୀ ଅଧୁଷିତ ତଥାପି କୃଷି ଆଧାରିତ କାର୍ଯ୍ୟକ୍ରମ ସେମାନଙ୍କ ନିମନ୍ତେ ଲାଭଦାୟକ ହେବ । ଏହା ପରାମର୍ଶ ଦିଆଯାଉଛି କି, କୃଷିର ଆଧୁନିକ କୌଶଳ ଯେପରିକି ଭୂମି ବିକାଶ ପ୍ରକ୍ରିୟା, ବିନିଯୋଗର ଯୋଗାଣ, ଶଙ୍କରଜାତୀୟ ବିହନ ଏବଂ ସାର ଇତ୍ୟାଦି ଗ୍ରାମବାସୀମାନଙ୍କୁ ପ୍ରଦାନ କରାଯିବା ଆବଶ୍ୟକ, ଯଦ୍ୱାରା କି ସେମାନଙ୍କ ଉତ୍ପାଦନ ସଙ୍ଗେ ସଙ୍ଗେ ଆୟ ବୃଦ୍ଧି ପାଇବ ।

ଖ. ବୃକ୍ଷର କ୍ଷତି ଘଟଣାରେ, କ୍ଷତିଗ୍ରସ୍ତ ବୃକ୍ଷମାନଙ୍କ ପାଇଁ ପ୍ରକଳ୍ପ ଅଧିକାରୀମାନେ ପ୍ରତ୍ୟେକ ବୃକ୍ଷକୁ ସଠିକ୍ ଆକଳନ କରି ଓ ତାହା ଦ୍ୱାରା କେତେ ପରିମାଣରେ ରୋଜଗାର ପ୍ରଭାବିତ ହେଉଛି ସେସବୁକୁ ବିଚାରକୁ ନେଇ କ୍ଷତି ପୂରଣ ନିର୍ଦ୍ଧାରଣ କରାଯିବା ଉଚିତ୍ ।

ଗ. ସ୍ଥାନୀୟ ଯୁବକମାନଙ୍କ ସ୍ଥାନାନ୍ତରଣ ରୋକିବା ପାଇଁ ସରକାରୀ ଶ୍ରମିକ ଯୋଜନା MGNREGS ଏବଂ PMGSY ପରି ଯୋଜନା ସହ ସଂଯୋକ କରି ବର୍ଷସାରା ମଂଜୁରୀ ଯୋଗାଇଦେବା । ଅନ୍ତତଃପକ୍ଷେ ପ୍ରକଳ୍ପ ପ୍ରଭାବିତ ପରିବାରର ଜଣେ ସଦସ୍ୟ ଙ୍କୁ PMKVY ଏବଂ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍ୟୋଗୀ ବିକାଶ / ଧନ୍ଦାମୂଳକ ତାଲିମ । ଆୟବୃଦ୍ଧି ଏବଂ ଯନ୍ତ୍ରପାତି ଯୋଗାଣ ତଥା ନୂତନ ଉଦ୍ୟୋଗ ସ୍ଥାପନ ପାଇଁ ବ୍ୟାଙ୍କ ରୁ ଋଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ବ୍ୟାଙ୍କ ସହ ସଂଯୋଗ ସ୍ଥାପନ କରିବେ ।

ଘ. ଜମି ଏବଂ ଅନ୍ୟାନ୍ୟ ସମ୍ପତି ନିମନ୍ତେ ଉପଯୁକ୍ତ କ୍ଷତିପୂରଣ ଯେପରିକ ପ୍ରଭାବିତ ପରିବାର ବିକଳ୍ପ ଚିରନ୍ତନ ରୋଜଗାରର ଉତ୍ସ ସୃଷ୍ଟି କରିବ ।

ଙ. ଏହା ପରାମର୍ଶ ଦିଆ ଯାଉଛି କି, ପ୍ରଭାବିତ ଗ୍ରାମରେ ପାନୀୟ ଜଳର ସୁବିଧା କରାଯିବା ଆବଶ୍ୟକ ଯଦ୍ୱାରା କି ଗ୍ରାମବାସୀଙ୍କୁ ବର୍ଷସାରା ସୁରକ୍ଷିତ ପାନୀୟ ଜଳର ସୁବିଧା ପାଇପାରିବେ ଏଣୁ ଜରୁରିକାଳୀନ ଭିତିରେ ନଳକୂଅଗୁଡିକର ନବିକରଣ କରାଯାଉ । ଏହା ଛଡା, ଗୋଷ୍ଠୀ ଗୃହ କ୍ଲବ ଘର ନିର୍ମାଣ ଲୋକମାନଙ୍କର ଆଉ ଗୋଟିଏ ଦାବି ଅଛି ।

ଚ. ୧୭.୦୭୮ ଏକର ଚାଷଜମି ନଷ୍ଟ ହେତୁ ଅବଶିଷ୍ଟ ଜମିରେ ସଘନ ପ୍ରଣାଳୀ ରେ ଚାଷ କରିବାକୁ ପ୍ରଭାବିତ ପରିବାରକୁ ସାହାଯ୍ୟ କରିବା ନିମନ୍ତେ କୃଷି ବିଭାଗକୁ ପରାମର୍ଶ ଦିଆଯାଇପାରେ ।

ଛ. ଗାଁ ନିକଟରେ ଲୋକମାନେ ଚାଷ ସମୟରେ ଚାଷ ଉପକରଣ ସହିତ ରେଳ ଲାଇନ ର ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ଦାବି କରିଥିଲେ । ଏହାର ସାମ୍ଭାବ୍ୟତା ଯାଂଚ କରାଯାଇପାରେ ଏବଂ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।

ଜ. ଅନୁଶୀଳନରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ କେତେକ କ୍ଷେତ୍ରରେ ଭୂମି ଅଧିଗ୍ରହଣ ପରେ ଜମିର ଏକ ଛୋଟ ଅଂଶ ଅଧିଗ୍ରହଣ ନ ହୋଇ ରହିଯାଉଛି ଯାହା ଚାଷ ପାଇଁ ବ୍ୟବହାର ଉପଯୋଗି ହୋଇନପାରେ । ତେଣୁ ସୁପାରିଶ କରାଯାଇଛି ଯେ ପଷ୍ଟଳୁ କର୍ତୃପକ୍ଷ ଅଧିଗ୍ରହଣ ପାଇଁ ଏପରି ଭୂମି ସମ୍ପର୍କରେ ବିଚାର କରିପାରନ୍ତି ଯଦ୍ୱାରା କି ଛୋଟ ଜମି ଖଣ୍ଡ ଉପଯୋଗ ନ ହୋଇ ପଡିରହିବ ନାହିଁ ।

ଝ. ଅଧିକାଂଶ ଗ୍ରାମରେ ଲୋକମାନେ ନିରାପଦରେ ଯାତାୟତ କରିବା ନିମନ୍ତେ ପ୍ରତ୍ୟେକ ଲେବଲ କ୍ରସିଙ୍ଗ ନିକଟରେ ଗୋଟିଏ ଫାଟକ ନିର୍ମାଣ କରିବାକୁ ଦାବି କରିଛନ୍ତି । ସେମାନଙ୍କ ଦାବିକୁ ଦୃଷ୍ଟି ଦେଇ ଲୋକମାନଙ୍କ ନିରାପଦ ଯାତାୟତ ନିମନ୍ତେ ରେଳବାଇ ଅଧିକାରୀ ବିକଳ୍ପ ରାସ୍ତା ବିଚାରକୁ ନେବା ଉଚିତ ।

ଣ. ଜମି ହରା ପ୍ରଜାଙ୍କ ମୁଖ୍ୟ ଦାବି ହେଲା ସମସ୍ତ ପ୍ରଭାବିତ ପରିବାରର ଜଣକୁ ରେଳ ବିଭାଗ ତରଫରୁ କର୍ମ ନିୟୋଜନ କରାଯାଉ ଏବଂ ଜମି ହରା ପ୍ରଜାଙ୍କୁ ଉଚିତ୍ ମୁଲ୍ୟାଙ୍କନ କରାଯାଇ ବଜାର ଦରରେ କ୍ଷତିପୂରଣ ଦେବା ପାଇଁ ଦାବି ।

ଟ. କ୍ଷତିପୂରଣ ପ୍ରଦାନ ପଦ୍ଧତି ସରଳ ହେବା ଆବଶ୍ୟକ । କିନ୍ତୁ ଯେଉଁଠାରେ କୌଣସି ପାରିବାରିକ ସ୍ତରରେ ମୋକଦ୍ଦମା କିମ୍ବା ମାମଲା ଅଦାଲତରେ ବିଚାରଧୀନ ତାହାକୁ ଅଲଗାଭାବେ ବିଚାର କରାଯିବ । ଯାହାହେଉ, ଧାରା-୧୧(୧) ଅନୁଯାୟୀ ପ୍ରାଥମିକ ଶୁଣାଣି ହେବା ପରେ ଅବଶିଷ୍ଟ ପ୍ରଭାବିତ ପରିବାରକୁ କ୍ଷତିପୂରଣ ପେଁଠ ଓ ଆରଓଆର ସତ୍ୟତା ପ୍ରକ୍ରିୟା ସମାପ୍ତ କରାଯିବା ଉଚିତ୍ । ଅଭିଯୋଗ ଶୁଣାଣି ବ୍ୟବସ୍ଥା ଶୀଘ୍ର ଓ ତୁରନ୍ତ ହେବା ଉଚିତ୍ ଯେପରିକି ବିବାଦଗୁଡିକ ଶୀଘ୍ର ଫଇସଲା ହେବ । ଏହା ପରାମର୍ଶ ଦିଆଯାଇଛି କି ବିକେନ୍ଦ୍ରୀକୃତ ଅଭିଯୋଗ ଶୁଣାଣି ପଦ୍ଧତି ସ୍ଥାପନ ହେବା ଉଚିତ ତେଣୁ ପ୍ରଭାବିତ ପରିବାରକୁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଦୌଡିବାକୁ ପଡିବ ନାହିଁ ।

ଠ. ଅଗ୍ରାଧିକାର ଭିତିରେ ଆର୍ ଓ ଆର୍ କୁ ସଂଶୋଧନ କରାଯିବ ଉଚିତ୍ ଏବଂ ଜମି ହରାଉଥିବା ପରିବାରର ଅବଗତି ନିମନ୍ତେ ପ୍ରକାଶିତ କରିବାର ଆବଶ୍ୟକ ଅଛି ଯଦ୍ୱାରା କି ପ୍ରକୃତି ଜମି ହରାଉଥିବା ପରିବାର ତାଙ୍କର କ୍ଷତି ଆକଳନ କରିପାରିବେ ।

ଡ. ଯେହେତୁ ଲୋକମାନେ ସେମାନଙ୍କର ଚିକିତ୍ସାପାଇଁ ମହଙ୍ଗା ଔଷଧ ନିମନ୍ତେ ଅର୍ଥ ଖର୍ଚ୍ଚ କରିବାକୁ ସକ୍ଷମ ନୁହନ୍ତି ତେଣୁ ସେହି ଅଁଚଳରେ PHC ଏବଂ CHC ପରି ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଧିକ ସଂଖ୍ୟକ ଡାକ୍ତର ଏବଂ ପର୍ଯ୍ୟାପ୍ତ ମାଗଣା ଔଷଧ ପ୍ରଦାନ କରାଯାଇପାରେ ।

ଢ. ସରକାରୀ ଯୋଜନା ରେ ନୂତନ ଗୃହ ପାଇଁ ଖରାପ ଗୃହର ଅବସ୍ଥାନ କରୁଥିବା ଗରିବ ପରିବାର କିପରି ମନୋନୀତ ହେବେ ତାର ପ୍ରୟାସ କରାଯାଇପାରେ ।

ସଭାଶେଷରେ ଆବାହକ ସଦସ୍ୟ ତଥା ଅତିରିକ୍ତ ଜିଲ୍ଲାପାଳ,କୋରାପୁଟ ସମସ୍ତଙ୍କୁ ସେମାନଙ୍କର ସଦୟ ଯୋଗଦାନ ତଥା ସକ୍ରିୟ ସ୍ୱାଧୀନ ମତବ୍ୟକ୍ତ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ପରେ ସଭାକାର୍ଯ୍ୟ ଶେଷ ହୋଇଥିଲା ।

[signature] 12.03.2024

ଚେୟାରମ୍ୟାନ
ଡିଷ୍ଟ୍ରିକ୍ଟ ଲେଭେଲ୍ ଇଣ୍ଡିପେଣ୍ଡେଣ୍ଟ
ମଲଟିଡିସିପ୍ଲିନାରୀ ଏକ୍ସପର୍ଟ ଗ୍ରୁପ, କୋରାପୁଟ